## ସଂକ୍ଷେପରେ

### ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର/ଗଞ୍ଜାମ,୧୧।୪ (ସୁବାସ ଚନ୍ଦ୍ର ପାଢ଼ୀ/ବିଦ୍ୟାଧର ସାହୁ): ସରକାରୀ ରେଳବାଇ ପୋଲିସ (ଜିଆରପି) ଗୁରୁବାର ହୁମ୍ମା ରେଳଧାରଣା କଡରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳି ପାରିନାହିଁ। ବୟସ ଆନୁମାନିକ ୨୫ବର୍ଷ ହେବ ବୋଲି ପୋଲିସ କହିଛି। ଘଟଣାସ୍ଥଳରୁ ଏକ ମୋବାଇଲ ଫୋନ, ମୃତକଙ୍କ ପକେଟରୁ ୩୦୦ ଟଙ୍କା ଓ ଏକ ଟ୍ରେନ ଟିକଟ ମିଳିଛି। ଟ୍ରେନ ଟିକଟଟି ଏର୍ନାକୁଲମ-ପାଟନା ଏକ୍ସପ୍ରେସର ଓ ସେଥିରେ ତିରୁପୁରରୁ ପାଟନା ଜଙ୍କସନ ପର୍ଯ୍ୟନ୍ତ ଦୂରତା ଲେଖାଯାଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ.୨୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକ ଜଣକ ଟ୍ରେନରୁ ଖସିପଡି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

### ମନ୍ଦିରରୁ ଚୋରି, ଜଣେ ଗିରଫ

ବ୍ରହ୍ମପୁର,୧୧।୪(ସୁବାସ ଚନ୍ଦ୍ର ପାଢ଼ୀ) ସଦର ଥାନା ରତ୍ନପୁରସ୍ଥିତ ନୃସିଂହ ମନ୍ଦିରରୁ ଗତ ୩ ତାରିଖ ରାତିରେ ହୁଣ୍ଡି ଭାଙ୍ଗି ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଗଜପତି ଜିଲା ଆର୍. ଉଦୟଗିରି ଛେଳିଗଡ ଗ୍ରାମର ଶରତ କୁମାର ରଥଶର୍ମା(୩୭)ଙ୍କୁ ଗିରଫ କରିଛି। ୩ ତାରିଖ ରାତି ପ୍ରାୟ ସାଢେ ୮ଟାରେ ପୂଜକ କାମନା ମହାଙ୍କୁଡ ମନ୍ଦିରର କାମ ସାରି ଦ୍ୱାର ବନ୍ଦ କରି ଆସିକା ରୋଡ ସ୍ଥିତ ନିଜ ଘରକୁ ଫେରିଥିଲେ । ପରଦିନ ଭୋର ୩ଟାରେ ସେ ନୀତି ପାଇଁ ମନ୍ଦିରକୁ ଯାଇଥିବା ବେଳେ ହୁଣ୍ଡି ଭଙ୍ଗା ଯାଇଥିବା ଓ ଜିନିଷପତ୍ର ଫିଙ୍ଗାଫୋପଡା ହୋଇଥିବା ଦେଖିଥିଲେ । କୌଣସି ଦୁର୍ବୃତ୍ତ ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ଚୋରି କରି ନେଇଯାଇଥିବା ଜାଣିବା ପରେ ପୂଜକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଶରତ ମନ୍ଦିରରୁ ଚୋରି କରିଥିବା ଜଣାପଡିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ହସଖୁସି ଅନୁଷ୍ଠାନ ସଦସ୍ୟଙ୍କ ପରଲୋକ



ବ୍ରହ୍ମପୁର,୧୧।୪(ସ୍ମୃତି ରଞ୍ଜନ ମହାଲିକ) ଲାଞ୍ଜିପଲୀ ସ୍ଥିତ ହସଖୁସି ଅନଷ୍ଠାନର ସଦସ୍ୟ ରବୀନ୍ଦ୍ରନାଥ ତ୍ରିପାଠୀ(୮୬)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସେ କିଛି ଦିନ ହେବ ନିମୋନିଆ ରୋଗରେ ପୀଡିତ ଥିଲେ। ହୃଦଘାତ କାରଣରୁ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ ଥିଲେ। ସେ ହସଖୁସି ଅନୁଷ୍ଠାନର ଜଣେ ସଦସ୍ୟ ଥିଲେ। ବିଭିନ୍ନ ସମୟରେ ରକ୍ତ ପରୀକ୍ଷା, ସ୍ୱେଚ୍ଛାକୃତ ରକ୍ତଦାନ ଭଳି ମହତ କାର୍ଯ୍ୟ କରିବା ସହ ଲାଞ୍ଜିପଲୀ ଚନ୍ଦନ ନଗର କ୍ଲବର ସଭାପତି ମଧ୍ୟ ରହିଥିଲେ।

# ଆବର୍ଜନା ମଧ୍ୟରେ ମୁକ୍ତାକାଶ ଜିମ୍

ବ୍ରହ୍ମପୁର,୧୧।୪(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମୁକ୍ତା ଯୋଜନାରେ ସହରର ବିକାଶ ଚାଲିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୨୨.୭୪କୋଟି ଟଙ୍କା ବ୍ୟୟରେ ଏହି ଯୋଜନାରେ ୧୬୩ ପ୍ରକଳ୍ପ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୩୪.୭୪ କୋଟି ଟଙ୍କା ବ୍ୟୟରେ ୩୯୫ ପ୍ରକଳ୍ପ ନିର୍ମାଣ ଲକ୍ଷ୍ୟ ରହିଛି। କିନ୍ତୁ ଏହି ଯୋଜନାର ଅନେକ ପ୍ରକଳ୍ପ ବିଭିନ୍ନ କାରଣରୁ କାର୍ଯ୍ୟରେ ଆସିପାରୁନାହିଁ। ବିଏମ୍‌ସି ୮ ନଂ. ୱାର୍ଡରେ ଥିବା ଏକ ମୁକ୍ତାକାଶ ଜିମ୍‌ର ଦୃଶ୍ୟ ଏହା ପ୍ରମାଣିତ କରୁଛି।

୮ ନଂ. ୱାର୍ଡ ପାଟରାସାହି ତଥା ଆଗାସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଛ ପାର୍ଶ୍ୱରେ ମୁକ୍ତା ଯୋଜନାରେ ଅଳ୍ପଦିନ ତଳେ ଏକ ମୁକ୍ତାକାଶ ଜିମ ନିର୍ମାଣ କରାଯାଇଛି। ୱାର୍ଡ ନଂ. ୭, ୮, ୯ ବାସିନ୍ଦା ଏହାକୁ ବ୍ୟବହାର କରପାରିବେ। ଏଠାରେ ୫ଟି ଜିମ୍ ସାମଗ୍ରୀ ରହିଛି। ହେଲେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଠାରେ କୁଢ଼ କୁଢ଼ ଆବର୍ଜନା ପଡୁଛି। ଏହି ରାସ୍ତାଟି ସାନ ବଜାର ଛକକୁ ସଂଯୋଗ କରୁଛି।


ଆବର୍ଜନା ମଧ୍ୟରେ ରହିଥିବା ମୁକ୍ତାକାଶ ଜିମ।

ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ବହୁ ମାଲବାହୀ ଟ୍ରକ ଯିବା ଆସିବା କରୁଛି। ରାତିରେ ଉକ୍ତ ଅଞ୍ଚଳ ଗୋରୁଙ୍କ ବିଶ୍ରାମସ୍ଥଳ ପାଲଟୁଛି। କେବଳ ସେତିକି ନୁହେଁ, ନିକଟରେ କୌଣସି ଶୌଚାଳୟ ନ ଥିବାରୁ ବଜାରରୁ ଆସୁଥିବା ସାଧାରଣ ଲୋକେ ଏହି ସ୍ଥାନରେ ପରିସ୍ରା କରୁଛନ୍ତି। ଏଭଳି ଦୂଷିତ ପରିବେଶ ମଧ୍ୟରେ ଜିମ୍ ଥିବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ବ୍ୟବହାର କରିବାକୁ ମୁହଁ ମୋଡୁଛନ୍ତି। ପୂର୍ବରୁ ଏହି ସ୍ଥାନଟି ଆବର୍ଜନାରେ ପରିପୂର୍ଣ୍ଣ ରହୁଥିଲା। ଏ ବାବଦରେ ସ୍ଥାନୀୟ ଲୋକ ପ୍ରତିନିଧି ଅବଗତ ଥାଇ ମଧ୍ୟ କିଭଳି ସେଠାରେ ମୁକ୍ତାକାଶ ଜିମ୍ ସ୍ଥାପନ କରାଗଲା ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଏହା ଠିକାଦାରୀ ଅନୁକମ୍ପା ଛଡା ଅନ୍ୟକିଛି ନୁହେଁ ବୋଲି କହିଛନ୍ତି। ସେଠାରେ ଯଦି ଆବର୍ଜନା ପଡେ ଏବଂ ଜିମ୍ ସାମଗ୍ରୀଗୁଡିକ ଅବ୍ୟବହୃତ ଭାବେ ପଡି ରହେ ଚୋରି ହେବା ସମ୍ଭାବନା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେଣୁ ଜିମ ସାମଗ୍ରୀ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନଚେତ ଉକ୍ତ ସ୍ଥାନଟି ପରିଷ୍କାର କରାଯାଉ ବୋଲି ଦାବି ହେଉଛି। ଏ ନେଇ କର୍ପୋରେଟର ଜେ ଶ୍ରୀନିବାସ ରାଓ କହିଛନ୍ତି, ଉକ୍ତ ସ୍ଥାନରେ ଷ୍ଟିଲ ଗ୍ରୀଲ କରାଯିବ। ରାସ୍ତା ମଧ୍ୟ ମରାମତି କରାଯାଇ ପେଭର ପକାଯିବ। ସେଠାରେ ଯେଭଳି ଆବର୍ଜନା ନ ପଡିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମପୁର,୧୧।୪(ସୁବାସ ଚନ୍ଦ୍ର ପାଢ଼ୀ): ଗୋଷାଣିନୂଆଗାଁ ପୁରୁଣା ଥାନା ସମ୍ମୁଖ ନନ୍ଦିଘୋଷ ଆପାର୍ଟମେଣ୍ଟର ୨୦୧ ନଂ. କୋଠରୀରୁ ପୋଲିସ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଅନୁଗୋଳ ଅଞ୍ଚଳର ସମ୍ବିତ ସାହୁ(୨୬)। ସମ୍ବିତ ଏକ ଔଷଧ କମ୍ପାନୀରେ କ୍ଷେତ୍ରୀୟ ବିତରଣ ମୁଖ୍ୟ ଭାବେ କାମ କରୁଥିଲେ। ସେ ଚାପଗ୍ରସ୍ତରୁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତାଙ୍କ ମୋବାଇଲ ଫୋନ ଜବତ କରାଯାଇ ବୁଧବାର ସେ କେଉଁମାନଙ୍କ ସହିତ କଥା ହେଇଛନ୍ତି ଯାଞ୍ଚ କରାଯାଉଛି।

୫ ମାସ ପୂର୍ବେ ସମ୍ବିତ ଉକ୍ତ ଔଷଧ କମ୍ପାନୀରେ ଯୋଗଦେଇ ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡା ଜିଲାର ମୁଖ୍ୟ ଭାବେ କାମ କରୁଥିଲେ। ବୁଧବାର ଆପାର୍ଟମେଣ୍ଟରୁ ଅନଲାଇନରେ ଖାଦ୍ୟ ଅର୍ଡର ଦେଇଥିଲେ। ଖାଦ୍ୟ ଡେଲିଭର ବୟ ତାଙ୍କ ରୁମ ନିକଟରେ ପହଞ୍ଚି ବହୁ ସମୟ ଧରି କଲିଂ ବେଲ ବଜାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି କବାଟ ଭାଙ୍ଗି ଭିତରକୁ ଯିବାରେ ସମ୍ବିତ ବେକରେ ବେଡସିଟ ଗୁଡାଇ ଝୁଲୁଥିବା ଦେଖିଥିଲା।


ସମ୍ବିତ ସାହୁ।

ଖବରପାଇ ସମ୍ବିତଙ୍କ ପରିବାର ଲୋକେ ରାତିରେ ବ୍ରହ୍ମପୁର ଆସି ପୁଅର ମୃତଦେହ ଚିହ୍ନଟ କରିଥିଲେ। ସେମାନଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ନଂ. ୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

## ଫେରାର୍ କାର ଚାଳକ ଗିରଫ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

ବ୍ରହ୍ମପୁର,୧୧।୪( ସୁବାସ ଚନ୍ଦ୍ର ପାଢ଼ୀ )

ସଦର ଥାନା ରଘୁନାଥପୁର ଛକରେ କାର ଧକ୍କାରେ ବାଇକ ଚାଳକ ଅଲାରିଗଡର ମହେନ୍ଦ୍ର ସ୍ୱାଇଁ(୨୯)ଙ୍କ ଗତ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଫେରାର ଥିବା କାର ଚାଳକ ଗୋସାଣିନୂଆଗାଁ ଅଞ୍ଚଳର ରବିନାରାୟଣ ଚୌଧୁରୀ(୩୪)ଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ମହେନ୍ଦ୍ର ନିଜ ଭିଣୋଇଙ୍କ ସହିତ ବାଇକରେ ଗାଁକୁ ଫେରୁଥିବାବେଳେ କାର୍ ଧକ୍କା ଦେଇଥିଲା। ମହେନ୍ଦ୍ରଙ୍କୁ ଭିଣୋଇ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ମହେନ୍ଦ୍ରଙ୍କ ବଡଭାଇ କାଳିଆ ସ୍ୱାଇଁ ସଦର ଥାନାରେ ଅଭିଯୋଗ କରିଥିଲେ । କାରଟି ଦ୍ରୁତଗତିରେ ଆସି ବାଇକକୁ ଧକ୍କା ଦେବାରୁ ଭାଇର ମୃତ୍ୟୁ ହେଲା ବୋଲି ସେ ଦର୍ଶାଇଥିଲେ । ଏ ନେଇ ସଦର ଥାନାରେ ନଂ ୧୫୪/୨୪ରେ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ କାରକୁ ଜବତ କରି ତଦନ୍ତ ଚଳାଇଥିଲା।

# ଭାଜପାରେ ସାମିଲ ହେଲେ ବହୁ କର୍ମୀ


କର୍ମଶାଳାରେ ଉପସ୍ଥିତ ପ୍ରାର୍ଥୀ, ନେତା ଓ କର୍ମୀ।

ଗୋପାଳପୁର,୧୧।୪(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଖଜୁରିଆ ବାଇପାସଠାରେ ରେ ଗୁରୁବାର ଭାଜପା ପକ୍ଷରୁ ବୁଥସ୍ତରୀୟ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଗୋପାଳପୁର ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ଜେନା, ଯୁବନେତା ପୀତବାସ ପଣ୍ଡା, ଲୋକସଭା ସଂଯୋଜକ ସରୋଜ ସାବତ, ଜିଲା ଯୁବମୋର୍ଚ୍ଚା ସଭାପତି ଶିବ ନାୟକ, ଗଙ୍ଗାଧର ଶତପଥୀ, ପଞ୍ଚୁ ବେହେରା, ପ୍ରଦୀପ ପଟ୍ଟନାୟକ, ସନତ ନାହାକ, ବିଭିନ୍ନ ମଣ୍ଡଳୀ ସଭାପତି ଯୋଗ ଦେଇଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ୨୧୩ ଟି ବୁଥ ଥିବା ବେଳେ ପ୍ରତି ବୁଥରେ ୧୦ ଜଣ ସଦସ୍ୟ ରହିବେ। ମହିଳା ଓ ଯୁବକଙ୍କ ନିକଟକୁ ଯାଇ ସମ୍ପର୍କ ବଢ଼େଇବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବାକୁ କୁହାଯାଇଥିଲା। ବୁଥସ୍ତରରେ ଭୋଟ ଆଣିବା ପାଇଁ ସଂକଳ୍ପ ନେବା ଏବଂ ଡବଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ବିଜେଡି ଓ ଅନ୍ୟ ଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ରାଜେଶ ସାହୁ, ଅନିଲ ପତି, ସୁନୀଲ ପାତ୍ର, ଗଙ୍ଗା ପାତ୍ର, ଜଗମୋହନ ପାତ୍ର, ଗଙ୍ଗାଧର ପାତ୍ର, ଏନ ଧନଞ୍ଜୟ ରାଓ, ବ୍ରଜମୋହନ ନାହାକ, ଅସିତ ଶତପଥୀ, ଗୋପୀନାଥ ମହାରଣା, ରାଜେଶ ପଟ୍ଟନାୟକ, ଗୋପାଳ ରେଡି, ସନ୍ତୋଷ ବିଷୋୟୀ, ଲକ୍ଷ୍ମୀ ନାରାୟଣ ପାତ୍ର, ପି କାମ ରାଜୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଗଣେଶ ପୂଜା କମିଟିର ଦଣ୍ଡନାଚ ଯାତ୍ରା

ରମ୍ଭା,୧୧।୪(ବନବାସୀ ସେଠୀ) ସ୍ଥାନୀୟ ପାନ୍ଥନିବାସ ରୋଡ଼ ଗଣେଶ ପୂଜା କମିଟି ତରଫରୁ ପ୍ରାକ୍ତନ ଓଡ଼ିଆ ଅଧକ୍ଷ ଡ଼ଃ ବିଜୟାନନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ବିରୁଳିଗଡ଼ ଦଣ୍ଡନାଚ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ରୀତିନୀତି ପ୍ରକାରେ ମା' ଦଣ୍ଡକାଳୀଙ୍କ ପ୍ରଭା ଧରି ଗ୍ରାମ ପରିକ୍ରମା ପରେ ଧୁଳିଆ ଦଣ୍ଡ, ପାଣି ଦଣ୍ଡ, ସନ୍ଧ୍ୟା ଆଳତୀ ଏବଂ ରାତିରେ ପ୍ରଭା ନୃତ୍ୟ ସହ ମୁଠି ନିଆଁ ଖେଳ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଦଣ୍ଡ ନୃତ୍ୟକୁ ପରିଚାଳନାରେ ଉପଦେଷ୍ଟା ବିଜୟ ଦାସ, କୋଷାଧକ୍ଷ ପ୍ରଶାନ୍ତ କୁମାର ସେଠୀ, ଆବାହକ ତଥା କାଉନସିଲର କ୍ଷେତ୍ର ମୋହନ ବେହେରା, ଗୀତାଞ୍ଜଳି ପଟ୍ଟନାୟକ, ଆଶା ବାଜାଜ, ରାଜେଶ ବାଜାଜ, ଗୁପ୍ତେଶ୍ୱର ସେଠୀ, ବଳରାମ ବେହେରା, କାହ୍ନୁ ଚରଣ ମହାପାତ୍ର, ଭାଗିରଥି ବେହେରା, କାଳିଆ ବେହେରା ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

## ଶନି ମନ୍ଦିର ପ୍ରତିଷ୍ଠା ମହାଯଜ୍ଞ ପୂର୍ଣ୍ଣାହୁତି

ଦିଗପହଣ୍ଡି,୧୧।୪(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି କମାସାହି ସ୍ଥିତ ଶ୍ରୀବାଲାଜୀ ମଠ ପରିସରରେ ଚାଲିଥିବା ଶନି ମନ୍ଦିର ପ୍ରତିଷ୍ଠା ଓ ମହାଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ହୋଇଛି। ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀ ପୌରହିତ୍ୟ କରିଥିଲେ। ପରିଚାଳନା କମିଟି ସଭାପତି ଭି. ଧର୍ମାରାଜୁ, ଉପସଭାପତି ପ୍ରକାଶ ପାଣିଗ୍ରାହୀ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ କେ.ରାଜୁ, କୋଷାଧକ୍ଷ ପିଣ୍ଟୁ ଗୌଡ଼, ଲିଙ୍ଗରାଜ ରେଡ୍ଡୀ, ସୋନୁ ରେଡ୍ଡୀ, ତାରିଣୀ ଦୋରା, ଟୁକୁନା ବେହେରା, କାଳିଆ ରେଡ୍ଡୀ, ସତ୍ୟନାରାୟଣ ରେଡ୍ଡୀ, ଟୁଲୁ ଗୌଡ, ବାପ ଆଚାରୀ, ବାରିକ ବେହେରା, ସୋନୁ ମହାପାତ୍ର, ଭୁବନେଶ୍ୱର ପଣ୍ଡା, ଉମାପତି ରେଡ୍ଡୀଙ୍କ ସମେତ ସହରବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୋଦି ଗ୍ୟାରେଣ୍ଟି ମନ୍ତ୍ର ନେଇ ଭାଜପା ଲଢ଼ିବ

### ବ୍ରହ୍ମପୁର ବାଇପାସରେ କର୍ମୀ ସମାବେଶ


ସମାବେଶରେ ଉପସ୍ଥିତ ଭାଜପା କର୍ମୀ ଓ ସମର୍ଥକ ।

ବ୍ରହ୍ମପୁର,୧୧।୪(ନରସିଂହ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ମନ୍ତ୍ରକୁ ନେଇ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଭାଜପା ମଇଦାନକୁ ଓହ୍ଲାଇଛି। ଏହି କ୍ଷେତ୍ର ସମେତ ସବୁଠି ପଦ୍ମ ଫୁଟିବ। ରାଜ୍ୟରେ ବିଜେଡି ଶାସନର ପତନ ଘଟିବ ଏବଂ ଡ଼ବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବ। ଗୁରୁବାର ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ ନିକଟରେ ଆୟୋଜିତ କର୍ମୀ ସମାବେଶରେ ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ ଏହା କହିଛନ୍ତି।

ସମାବେଶରେ ବହୁ ସଂଖ୍ୟକ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ବୁଥ ସ୍ତରରେ ନିର୍ବାଚନୀ ରଣନୀତି କିଭଳି ହେବ ସେ ନେଇ ଏମପି ପ୍ରାର୍ଥୀ ପ୍ରଦୀପ ଦିଗଦର୍ଶନ ଦେଇଥିଲେ। ସମସ୍ତେ ଏକାଠି ହୋଇ ଭୋଟରମାନଙ୍କୁ ରଣନୀତି ସମ୍ପର୍କରେ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଶାନ୍ତି ଶୃଙ୍ଖଳାର ସହ ଭୋଟ ଗ୍ରହଣ କରାଇବାକୁ ଗୁରୁତ୍ୱ ଦେଇଥିଲେ। ଗୋପାଳପୁର ଓ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଯଥାକ୍ରମେ ବିଭୂତି ଜେନା ଓ କେ. ଅନୀଲ କୁମାର ଯୋଗ ଦେଇଥିଲେ। ବ୍ଲକ ଓ ପଞ୍ଚାୟତ ସ୍ତରର ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ସଦ୍ୟ ଭାଜପାରେ ମିଶିଥିବା ଆଇନଜୀବୀ ପୀତବାସ ପଣ୍ଡା ଯୋଗଦେଇ ୨୪ ବର୍ଷର ବିଜେଡି ସରକାରଙ୍କ ଉପରେ ଶାଣିତ ଭାଷାରେ ବର୍ଷିଥିଲେ। ବ୍ରହ୍ମପୁର ବିଧାୟକ ଗୋପାଳପୁର ବିଜେଡି ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କୁ ଟାର୍ଗେଟ କରିଥିଲେ। ଭାଜପା ଜିଲା ସଭାପତି ଡ଼ା. ସୁବାସ ସାହୁଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ରାଜ୍ୟରେ ପରିବର୍ତ୍ତନ ରାଜନୀତି ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ୩୭ ପଞ୍ଚାୟତର ଭାଜପା ମୁଖିଆମାନେ ଉପସ୍ଥିତ ଥିଲେ।

## ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ

ବ୍ରହ୍ମପୁର,୧୧।୪(ସ୍ମୃତି ରଞ୍ଜନ ମହାଲିକ) ପୂଜ୍ୟପୂଜା ସମିତ ପକ୍ଷରୁ ଗୁରୁବାର ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେଙ୍କ ୧୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜିପୁର କମ୍ୟୁନିଟି ହଲଠାରେ ସମିତି ସଂପାଦକ ଏସ ସାମ୍ବାଶିବା ରାଓଙ୍କ ଅଧକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା, ସମାନତା ଓ ଭ୍ରାତୃଭାବର ମୂଲ୍ୟବୋଧକୁ ଭାରତୀୟ ଭାବ ଧାରାରେ ଉପଯୋଗ କରିବାରେ ଜ୍ୟୋତିରାଓ ହେଉଛନ୍ତି ପ୍ରଥମ ଭାରତୀୟ। ସେ ଜଣେ ପ୍ରମୁଖ ସମାଜ ସଂସ୍କାରକ ଥିଲେ। ନୂତନ ପିଢିର ବୁଦ୍ଧିଜୀବୀଙ୍କ ପାଇଁ ସେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ମାନବାଦୀ ହେତୁବାଦୀ ସଂଗଠନର କେ ନନ୍ଦେଷ୍ଟୁ ସେନାପତି, ବାମପନ୍ଥୀ ନେତା ଅଳକାନାଥ ମିଶ୍ର, ଶିକ୍ଷକ ସଂଗଠନ ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା ଓ ଅବନୀ ଗୟା ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମ ଟ୍ରକ ମାଲିକ ସଂଘର ସାଧାରଣ ବୈଠକ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୧୧।୪(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଟ୍ରକ ମାଲିକ ସଂଘ ପକ୍ଷରୁ ଫାଷ୍ଟ ଗେଟଠାରେ ଗୁରୁବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରମୋଦ କୁମାର ଜେନା ସଭାପତିତ୍ୱ କରିଥିଲେ। ବୈଠକରେ ସଂଘର ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ଆଗାମୀ ୫ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ରୂପେ ପ୍ରମୋଦ କୁମାର ଜେନା, ସାଧାରଣ ସଂପାଦକ ରଞ୍ଜିତ କୁମାର ପଣ୍ଡା, ଉପସଭାପତି କାଳି ଚରଣ ସ୍ୱାଇଁ, ଯୁଗ୍ମ ସଂପାଦକ ତଥା କୋଷାଧକ୍ଷ ରୂପେ ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ରୂପେ ନିରଞ୍ଜନ ଜେନା ଓ ସହକାରୀ କୋଷାଧକ୍ଷ ରୂପେ ମନୋଜ କୁମାର ପାଢି ମନୋନୀତ ହୋଇଥିଲେ। ଏଥିସହ ସଂଘ ପକ୍ଷରୁ ୧୭ ଜଣିଆ ସଭ୍ୟ ମଧ୍ୟ ଚୟନ କରାଯାଇଥିଲା।

## ଏମ୍‌ବିଏ ବିଭାଗରୁ ୫ ଜଣଙ୍କୁ ନିଯୁକ୍ତି

ବ୍ରହ୍ମପୁର,୧୧।୪(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗ ପକ୍ଷରୁ ଗୁରୁବାର ସ୍ନାତକ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ ନିଯୁକ୍ତି ବିଭାଗ କ୍ଷେତ୍ରର ସଂଯୋଜକ ଡ଼.ସୁମନ କଲ୍ୟାଣ ଚୌଧୁରୀ ପରିଚାଳନା କରିଥିଲେ। ଏଥିରେ ୟୁନିୟନ ଡ଼ାଇ-ଚି ଲାଇଫ ଇନ୍ସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଚୟନ ପ୍ରକ୍ରିୟା ହୋଇଥିଲା। କମ୍ପାନୀର ମାନବ ସମ୍ବଳ ଅଧିକାରୀ ଆଶିଷ କୁମାର ପଣ୍ଡା, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଆଞ୍ଚଳିକ ମୁଖ୍ୟ ଚିରନ୍ତନ ପାତ୍ର, ବ୍ରହ୍ମପୁର କ୍ଷେତ୍ର ମୁଖ୍ୟ ମିଟୁ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୦୨୦ରୁ ୨୦୨୪ ଶିକ୍ଷାବର୍ଷରେ ସ୍ନାତକ ପାସ କରିଥିବା ଛାତ୍ରୀଛାତ୍ର ଓ ଏମବିଏର ମୋଟ ୨୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୫ଜଣ ନିଯୁକ୍ତି ପାଇଥିଲେ।

# ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଲା ଇଭିଏମ୍, ଭିଭିପିଏଟି

### ୨୪ ଘଣ୍ଟିଆ ସୁରକ୍ଷା ସହ ସିସିଟିଭି ବ୍ୟବସ୍ଥା

ଛତ୍ରପୁର ୧୧।୪(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରରୁ କଡା ସୁରକ୍ଷା ମଧ୍ୟରେ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଓ ସରକାରୀ ପଲିଟେକନିକ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ଏହାକୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ସହ ସଶସ୍ତ୍ର ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି । ଏଥିସହ ସିସିଟିଭିର ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟ ରାଣ୍ଡାମାଇଜେସନ ପରେ ଆସ୍କା ଓ ବ୍ରହ୍ମପୁର ଲୋକସଭା ଏବଂ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସ୍କା, ସୋରଡା, ସାନଖେମୁଣ୍ଡି ଓ ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଇଭିଏମଗୁଡିକୁ ପଠାଯାଇଥିବା ନେଇ ଜିଲ୍ଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡା ସୂଚନା ଦେଇଛନ୍ତି ।

ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ମେ' ୧୩ ତାରିଖରେ ବ୍ରହ୍ମପୁର ଲୋକସଭା ଏବଂ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଛତ୍ରପୁର ନିମନ୍ତେ ୨୪୪ଟି, ଗୋପାଳପୁର ନିମନ୍ତେ ୨୧୩ଟି, ବ୍ରହ୍ମପୁର ନିମନ୍ତେ ୧୭୨ଟି, ଦିଗପହଣ୍ଡି ନିମନ୍ତେ ୨୫୬ଟି, ଚିକିଟି ନିମନ୍ତେ ୨୪୧ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସେହିଭଳି ମେ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଆସ୍କା ଲୋକସଭା ଓ ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସ୍କା, ସୋରଡା ସାନଖେମୁଣ୍ଡି ଓ ହିଞ୍ଜିଳି ବିଧାନସଭା ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ। ଏଥି ସକାଶେ ଭଞ୍ଜନଗର ନିମନ୍ତେ ୨୬୦ଟି, ପୋଲସରା ନିମନ୍ତେ ୨୬୩ଟି, କବିସୂର୍ଯ୍ୟନଗର ନିମନ୍ତେ ୨୪୫ଟି, ଖଲ୍ଲିକୋଟ ନିମନ୍ତେ ୨୪୧ଟି, ଆସ୍କା ନିମନ୍ତେ ୨୦୯ଟି, ସୋରଡା ନିମନ୍ତେ ୨୫୫ଟି, ସାନଖେମୁଣ୍ଡି ନିମନ୍ତେ ୨୫୩ଟି ଏବଂ ହିଞ୍ଜିଳି ନିମନ୍ତେ ୨୨୫ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସମୁଦାୟ ୩୦୭୭ଟି ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୪୧୫ଟି ଓ ଗ୍ରାମାଞ୍ଚଳରେ ୨୬୬୨ଟି ମତଦାନ କେନ୍ଦ୍ର ରହିଛି।

